ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

# ଆଇଆଇଟିର ୧୩ତମ ପ୍ରତିଷ୍ଠା ଦିବସ

# ଦେଶରେ ଉନ୍ନତ ମାନର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ହେଉଛି

ଜଟଣୀ,୧୨।୨(ନି.ପ୍ର): ଦେଶର ପ୍ରତିରକ୍ଷା ପାଇଁ ଆବଶ୍ୟକ ଉନ୍ନତ ମାନର ଯୁଦ୍ଧାସ୍ତ୍ର ଦେଶରେ ନିର୍ମାଣ କରାଯାଉଛି ବୋଲି ଜଟଣୀ ଅରଗୁଳଠାରେ ଶୁକ୍ରବାର ଆଇଆଇଟି କ୍ୟାମ୍ପସ୍ ପରିସରରେ ଆଇଆଇଟିର କମ୍ୟୁନିଟି ହଲ୍‌ରେ ଆୟୋଜିତ ଆଇଆଇଟିର ୧୩ ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ପ୍ରତିରକ୍ଷା ଗବେଷଣା ବିକାଶ ସଂସ୍ଥାର ଚେୟାରମ୍ୟାନ (ଡ଼ିଆରଡ଼ିଓ) ଡ଼.ଜି,ସତୀଶ ରେଡ୍ଡି ସୂଚନା ଦେଇଛନ୍ତି। ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ଉତ୍ସବରେ ସଭାପତିତ୍ୱ କରିଥିଲେ।




ଭର୍ଚୁଆଲ ଜରିଆରେ ଏହି ଉତ୍ସବରେ ଯୋଗ ଦେଇ ଶ୍ରୀ ରେଡ୍ଡି କହିଲେ,ପ୍ରତିରକ୍ଷା କ୍ଷେତ୍ରରେ ବୈଷୟିକ ଜ୍ଞାନ କୌଶଳର ବିକାଶ କରାଯାଉଛି। ଦେଶରେ ଯୁଦ୍ଧ ଟ୍ୟାଙ୍କ ଅର୍ଜୁନ ଏବଂ ଯୁଦ୍ଧ ବିମାନ ଏବଂ ମିସାଇଲ ନିର୍ମାଣ କରାଯାଉଛି। କମ ଖର୍ଚ୍ଚରେ ଉନ୍ନତ ମାନର ଯୁଦ୍ଧାସ୍ତ୍ର ଉପଲବ୍ଧ ହେଉଛି। ଆଇଆଇଟିର ବିକାଶ ମୂଳକ କାର୍ଯ୍ୟ,ଅଧ୍ୟୟନ,ଗବେଷଣା ଏବଂ ଦେଶରେ ଆଇଆଇଟିର ସ୍ଥାନ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇଆଇଟିରେ ୨୦୨୦ରେ ଉତ୍ତମ ସେବା ପ୍ରଦାନ କରିଥିବା ଶ୍ରେଷ୍ଠ ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ମାନିତ କରା ଯାଇଥିଲା। ଡ଼.ଶ୍ରୀନିବାସ ପିନିସେଟ୍ଟି,ଡ଼.ନିର୍ମଳେନ୍ଦୁ ଆଚାର୍ଯ୍ୟ,ଡ଼.ଅନୁପ ଥୋମାସ,ଡ଼.ରାଜକୁମାର ଗୁଡ଼ରୁ,ଡ଼.ଭି. ଆର.ପେଡ଼ିରେଡ୍ଡି,ଡ଼.ରଞ୍ଜନ ଝା,ଡ଼.ବେଣୁଗୋପାଳ ଆରୁମୁରୁ,ଡ଼.ଶାନ୍ତନୁ ପାଲ,ଡ଼.ଭରତରାମ ରାମକୁମାର,ଡ଼. ଶ୍ରୀନିବାସ ଭାସ୍କର କଡ଼ଙ୍କି,ଚନ୍ଦ୍ର ଭଡ଼େ,ପ୍ରସନ୍ନ କୁମାର ଦାସ,ଡ଼. ଗଗନଦୀପ କୌର ମକ୍କର,ସୁହାନ ପରୱିନ୍,ପ୍ରଦୀପ କୁମାର ପଟ୍ଟନାୟକ ଏବଂ ଆଇଆଇଟିର ସହକାରୀ ସୁରକ୍ଷା ଅଧିକାରୀ ତପନ କୁମାର ମହାପାତ୍ର ସମ୍ମାନିତ ହୋଇଥିଲେ। ପ୍ରଫେସର ଆର.କେ.ପଣ୍ଡା,ପ୍ରଫେସର ସୁଜିତ ରାୟ,ପ୍ରଫେସର ପ୍ରଭାସ ରଞ୍ଜନ ସାହୁ,ପ୍ରଫେସର ବ୍ରହ୍ମ ଦେଓ,ପ୍ରଫେସର ଆର.ଜି. ଆସ୍ତ୍ରୀ,ଆଇଆଇଟିର କୁଳ ସଚୀବ ସୁବୋଧ କୁମାର,ଡ଼. ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ସରୋଜ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

https://samajaepaper.in/imageview_15_1322021231442_4_73_13-02-2021_22_i_1_sf.html